## ୨ରୁ ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

**ଧାମନଗର,୩୧।୧ (ଦେବେନ୍ଦ୍ର ଆଦ୍ଦିଆ)**

ଧାମନଗର ବ୍ଲକ ଦେହୁଡି ଆନନ୍ଦପୁର ପଞ୍ଚାୟତସ୍ଥିତ ଜଗନ୍ନାଥ ହାଇସ୍କୁଲ ପଡ଼ିଆରେ ଆସନ୍ତା ୨ ତାରିଖରୁ ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ରାମଚନ୍ଦ୍ର ଦାଶ ସ୍ମୃତି ସଂସଦ ଓ ସ୍ଥାନୀୟ ଭଗବତୀ ଯୁବକ ସଂଘର ମିଳିତ ସହଯୋଗରେ ଏହି ଟୁର୍ନାମେଣ୍ଟ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ୨ରେ ଭଦ୍ରକର ଇଷ୍ଟକୋଷ୍ଟ ରେଲ୍‌ୱେ ସହ ବାପୁଜୀ କ୍ଲବ ଭୁବନେଶ୍ୱର, ୩ରେ ଭୁବନେଶ୍ୱରର ସାଇ ଇଲେଭେନ ସହ ଏଲ୍‌ଆର୍‌ଏସ୍ କୋଲକାତା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ୪ରେ ପ୍ରଥମ ସେମିଫାଇନାଲ, ୫ରେ ବାଲେଶ୍ୱର ଆଦର୍ଶ କ୍ଲବ୍ ସହ ଭାଇଯାଗ୍ର ବିଜନଗରମ ୱାରିଅର୍ସ, ୬ରେ ଯାଜପୁର ଇଲେଭେନ ଷ୍ଟାର ଓ ରାଉରକେଲାର ଆର୍‌ୱାଇସିସି ମଧ୍ୟରେ ମ୍ୟାଚ୍ ହୋଇ ୭ରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ହେବ। ୮ରେ ଗ୍ରାଣ୍ଡ୍ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ରାମଚନ୍ଦ୍ର ଦାଶ ସ୍ମୃତି ସଂସଦ ପକ୍ଷରୁ ସୂଚନା ଦିଆଯାଇଛି।

# ମାର୍କେଟ କମ୍ପ୍ଲେକ୍ସ ଗୃହ ଆବଣ୍ଟନ ନେଇ ହୋଇପାରୁନି ସମାଧାନ

### ଆବେଦନକାରୀଙ୍କୁ ଟଙ୍କା ଫେରାଇବ ପୌରପାଳିକା

**ଭଦ୍ରକ,୩୧।୧(ସନାତନ ରାଉତ)**



ମଠସାହି ମୌଜା ଶନି ମନ୍ଦିର ଛକସ୍ଥିତ ମାର୍କେଟ୍ କମ୍ପ୍ଲେକ୍ସ।

ଭଦ୍ରକ ପୌରପାଳିକା ଅଧୀନରେ ଥିବା ମାର୍କେଟ କମ୍ପ୍ଲେକ୍ସର ଦୋକାନ ଗୃହ ଆବଣ୍ଟନ ମାମଲାରେ ଆଇନଗତ କଟକଣା ଯୋଗୁ ୩ ମାସ ଧରି ଆବଣ୍ଟନ ହୋଇପାରୁ ନାହିଁ। ଉଚ୍ଚ ନ୍ୟାୟାଳୟରେ ଚାଲିଥିବା ମାମଲାର ସମାଧାନରେ ବିଳମ୍ବ ହେଉଥିବାରୁ ଶେଷରେ ଘର ଦେଇ ନ ପାରି ପୌରପାଳିକା ଟଙ୍କା ଫେରାଇବାକୁ ବାଧ ହୋଇଛି। ଦୋକାନ ଗୃହ ନେବାକୁ ଲକ୍ଷାଧିକ ଟଙ୍କା ସିକ୍ୟୁରିଟି ଦେଇ ଆବେଦନ କରିଥିବା ବ୍ୟବସାୟୀ ଓ ପୌରପାଳିକା ମୁହାଁମୁହିଁ ହେବା ପରେ ଏପରି ସ୍ଥିତି ସୃଷ୍ଟି ହୋଇଛି। ତେବେ କେବଳ ମୂଳ ଟଙ୍କା ନୁହେଁ, ଅମାନତ ଟଙ୍କାର ସୁଧ ଦାବି କରୁଛନ୍ତି ଆବେଦନକାରୀ।

ପ୍ରକାଶ ଯେ, ୨୦୨୫ ଅକ୍ଟୋବର ୧୩ରେ ଭଦ୍ରକ ପୌରାଞ୍ଚଳ ମଠସାହି ମୌଜାରେ ଥିବା ଶନି ମନ୍ଦିର ଛକ, ବଙ୍କ ମୌଜାରେ ଥିବା ମାଛ ମାର୍କେଟ, ଜଗନ୍ନାଥପୁର ମୌଜା ବନ୍ତଛକ ମାର୍କେଟ କମ୍ପ୍ଲେକ୍ସରେ ଥିବା ଦୋକାନ ଘର ଏବଂ ମଠସାହି ମୌଜା ଅମୃତ ପାର୍କ ନିକଟରେ ଚା' ଓ କଫି ଷ୍ଟଲ୍ ଲାଗି ଆବଶ୍ୟକ ସିକ୍ୟୁରିଟି ମୂଳେ ଦରଖାସ୍ତ ପାଇଁ ବିଜ୍ଞପ୍ତି ଜାରି ହୋଇଥିଲା। ବିଜ୍ଞପ୍ତି ଅନୁଯାୟୀ ଶନି ମନ୍ଦିର ମାର୍କେଟ କମ୍ପ୍ଲେକ୍ସରେ ଥିବା ୨୨ଟି ଦୋକାନ ଗୃହ ଲାଗି ସର୍ବାଧିକ ୫ଲକ୍ଷ ଟଙ୍କା, ମାଛ ମାର୍କେଟ ଏବଂ ବନ୍ତ ଛକ ମାର୍କେଟ ଘର ଲାଗି ୨ ଲକ୍ଷ ଏବଂ ଅନ୍ୟ ଗୃହ ପିଛା ୧ଲକ୍ଷ ଟଙ୍କା ସିକ୍ୟୁରିଟି ରଖାଯାଇଥିଲା। ଅକ୍ଟୋବର ୧୭ ସୁଦ୍ଧା ସିକ୍ୟୁରିଟି ସହ ଦରଖାସ୍ତ ଦାଖଲ କରିବାକୁ କୁହାଯାଇଥିବା ବେଳେ ନଭେମ୍ବର ୧୭ରେ ଦରଖାସ୍ତ ଯାଞ୍ଚ ଏବଂ ୨୦ରେ ଲଟେରୀ ମାଧ୍ୟମରେ ଗୃହ ଆବଣ୍ଟନ ଲାଗି କୁହାଯାଇଥିଲା। ତେବେ ଆବଣ୍ଟନ ପ୍ରକ୍ରିୟା ଆରମ୍ଭ ପୂର୍ବରୁ ଆବେଦନ କରିପାରି ନ ଥିବା କେତେଜଣ ବ୍ୟକ୍ତି ତାରିଖ ଘୁଞ୍ଚାଇବା ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ହାଇକୋର୍ଟରେ ଆଗତ ଡବ୍ଲ୍ୟୁପି(ସି) ୩୧୭୩୨ ମାମଲାର ଶୁଣାଣି କରି କୋର୍ଟ ଏହି ରହିତାଦେଶ ଜାରି କରିଥିଲେ। ତେବେ କୋର୍ଟ ରାୟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ପୌରପାଳିକା ଆବେଦନକାରୀଙ୍କୁ ସୂଚନା ଦେଇଥିଲା। ହେଲେ ଏହାମଧ୍ୟରେ ୩ମାସ ବିତି ଯାଇଥିଲେ ମଧ୍ୟ ମାମଲା ସମାଧାନ ହୋଇପାରି ନାହିଁ। ୩୦୭ଜଣ ଆବେଦନକାରୀ ପ୍ରାୟ ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜମାନତ ଦେଇ ନିରାଶ ହୋଇଛନ୍ତି। ଶେଷରେ ପୌରପାଳିକା ବାଧହୋଇ ବିଜ୍ଞପ୍ତି ବାତିଲ କରିବା ସହ ଜାନୁଆରୀ ୩୧ ପରେ ଆବେଦନକାରୀଙ୍କୁ ଅମାନତ ଅର୍ଥ ଫେରସ୍ତ ଦେବାକୁ କହିଛି। ଏନେଇ ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ କହିଛନ୍ତି, ବିଜ୍ଞପ୍ତିର ଅବଧି ପୂରି ଯାଇଥିଲେ ମଧ୍ୟ ଦୋକାନ ଗୃହ ଆବଣ୍ଟନ ହୋଇପାରି ନାହିଁ। ଏଣୁ ବିଜ୍ଞପ୍ତି ବାତିଲ କରିବା ସହ ଆବେଦନକାରୀଙ୍କୁ ଟଙ୍କା ଫେରାଇବାକୁ ନିଷ୍ପତ୍ତି ହୋଇଛି। ଅପରପକ୍ଷେ ସ୍ଥାୟୀ ନିର୍ବାହୀ ଅଧିକାରୀ ନ ଥିବାରୁ ଏହି ସମସ୍ୟା ସମାଧାନରେ ଅହେତୁକ ବିଳମ୍ବ ହେଉଥିବା ସେ କହିଛନ୍ତି।

## 'ପିଲାଙ୍କୁ ମୋବାଇଲ ନୁହେଁ, ବହି ଦିଅନ୍ତୁ'



ଅତିଥିମାନେ ବିଦ୍ୟାଳୟର ବାର୍ଷିକ ପତ୍ରିକା ଉନ୍ମୋଚନ କରୁଛନ୍ତି।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ

**ଭଦ୍ରକ,୩୧।୧(ସନାତନ ରାଉତ)**

ଭଦ୍ରକ ବ୍ଲକ ଓଲଙ୍ଗସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଅତିଥି ଭାବେ ଓଡ଼ିଆ ଚଳଚ୍ଚିତ୍ରର ଭେଟେରାନ୍ କଳାକାର ଅଶ୍ରୁମୋଚନ ମହାନ୍ତି ଯୋଗଦେଇ ପିଲାମାନଙ୍କୁ ମୋବାଇଲ ବଦଳରେ ବହି ପଢ଼ିବାକୁ ଦିଅନ୍ତୁ ବୋଲି ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ଆବଶ୍ୟକଠାରୁ ଅଧିକ ମୋବାଇଲ ବ୍ୟବହାର ଛାତ୍ରୀଛାତ୍ରଙ୍କୁ ବିପଥଗାମୀ କରାଏ। ମୋବାଇଲରେ ସମୟ ନଷ୍ଟ ନ କରି ବହି ପଢ଼ିଲେ ଜ୍ଞାନ ଆହରଣ ହେବ ବୋଲି ସେ କହିଥିଲେ। ସେହିପରି ପ୍ରତି ପିଲାଙ୍କୁ ବିଦ୍ୟାଳୟ ପରିସରରେ ଗୋଟିଏ ଲେଖାଏ ଗଛ ଲଗାଇବା ସହ ତାହାର ଯତ୍ନ ନେବାକୁ ଦାୟିତ୍ୱ ଦିଆଯାଉ ବୋଲି ସେ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ କାଦମ୍ବରୀ କରଶର୍ମାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏନ୍‌ସିସି କମାଣ୍ଡିଂ ଅଫିସର୍ ସୁଦୀପ କୁମାର ସାହୁ, ମୁଖ୍ୟବକ୍ତା ଭଦ୍ରକ କଲେଜର ପ୍ରଫେସର ଡ. କମଳାକାନ୍ତ ଜେନା ଓ ପ୍ରେରଣାଦାୟୀ ବକ୍ତା ଭାବେ ବ୍ରହ୍ମାକୁମାରୀ ମଧୁସ୍ମିତା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକ, ଆଦର୍ଶ ବିଦ୍ୟାଳୟର ନୋଡାଲ ଅଧ୍ୟକ୍ଷ ପ୍ରଦୀପ କୁମାର ସେଠୀ ଓ ବନ୍ତ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ପାର୍ଥସୁନ୍ଦର ମହାକୁଡ଼ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ପତ୍ରିକା 'ବିଭାବସୁ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଓଲଙ୍ଗ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ମାନସ କୁମାର ମାଝୀ ଉତ୍ସବର ଆଭିମୁଖ୍ୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଚୋରି କରିବାକୁ ଆସି ଛେଚା ଖାଇଲେ ଯୁବକ

**ଭଦ୍ରକ,୩୧।୧(ସନାତନ ରାଉତ)**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଚରମ୍ପା ପଥରଆଡ଼ି ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି କରିବାକୁ ଆସି ଜଣେ ଯୁବକ ଗ୍ରାମବାସୀଙ୍କ ହାତରେ ଧରାପଡ଼ି ଛେଚା ଖାଇଛନ୍ତି। ପରେ ଗ୍ରାମବାସୀ ଉକ୍ତ ଯୁବକଙ୍କୁ ପୋଲିସ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଆରତ ଭଞ୍ଜନ ବାରିକ ତାଙ୍କ ସ୍ତ୍ରୀଙ୍କୁ ନେଇ ୨ଦିନ ପାଇଁ ଭୁବନେଶ୍ୱରରେ ରହୁଥିବା ତାଙ୍କ ପୁଅ ପାଖକୁ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଚୋରମାନେ ଆସି ତାଙ୍କ ଘର କାନ୍ଥ ତାଡ଼ିବା ଆରମ୍ଭ କରିଥିଲେ। କାନ୍ଥ ତାଡ଼ିବାର ଶବ୍ଦ ଶୁଣି ପଡ଼ୋଶୀ ଘରର ଜଣେ ବ୍ୟକ୍ତି ଆରତଙ୍କ ସାନଭାଇ ପୂର୍ଣ୍ଣଚନ୍ଦ୍ର ବାରିକଙ୍କୁ ଫୋନ୍‌ରେ ଜଣାଇଥିଲେ। ପୂର୍ଣ୍ଣଚନ୍ଦ୍ର କେତେଜଣ ଲୋକଙ୍କୁ ସାଙ୍ଗରେ ଧରି ଆସିବାରୁ ଚୋରମାନେ ଦୌଡ଼ି ପଳାଇଥିବା ବେଳେ ଜଣେ ଯୁବକଙ୍କୁ ଗ୍ରାମବାସୀ କାବୁ କରିନେଇଥିଲେ। ତାଙ୍କୁ ମାଡ଼ ମାରିବା ସହ ପୋଲିସ ଜିମା ଦେଇଥିଲେ। ସେମାନେ ଉକ୍ତ ଯୁବକ ସହ ସାଙ୍ଗରେ ଆଣିଥିବା ବାଇକ୍ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଏନେଇ ଆରତ ଭଞ୍ଜନ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଉକ୍ତ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## କଂଗ୍ରେସର ଗାନ୍ଧୀ ପଥେ ଓଡ଼ିଶା ପଦଯାତ୍ରା



ପ୍ରତିବାଦ ସଭାରେ ପିସିସି ସଭାପତି ଭକ୍ତଚରଣ ଦାସ, ବିଧାୟକ ଅଶୋକ କୁମାର ଦାସଙ୍କ ସହ କଂଗ୍ରେସ ନେତୃବୃନ୍ଦ।

**ତିହିଡ଼ି,୩୧।୧(ସଞ୍ଜିତ ବଳ)**

ସରକାରଙ୍କୁ ନିଜ ଅଧିକାରର ଜବାବ ମାଗିବା ପାଇଁ ଲୋକଙ୍କୁ ଜାଗ୍ରତ କରିବା ଲକ୍ଷ୍ୟରେ କଂଗ୍ରେସ ପକ୍ଷରୁ ଗାନ୍ଧୀ ପଥେ ଓଡ଼ିଶା ପଦଯାତ୍ରା କରାଯାଉଥିବା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ କହିଛନ୍ତି। ତିହିଡ଼ି ବ୍ଲକ କଂଗ୍ରେସ ପକ୍ଷରୁ ଶନିବାର ସ୍ଥାନୀୟ କାଳୀପଡ଼ିଆରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଯୋଗଦେଇ ସେ ଏହା କହିବା ସହ ନାରୀଙ୍କୁ ସୁରକ୍ଷା ଦେଇପାରୁ ନ ଥିବା ଭାଜପା ସରକାରଙ୍କର ଶାସନ କରିବାର ନୈତିକ ଅଧିକାର ନାହିଁ ବୋଲି ମତବ୍ୟକ୍ତ କରିଛନ୍ତି। ସକାଳେ ବ୍ଲକର ସାହାପୁର ପଞ୍ଚାୟତ ଅଧୀନ ଚାରିବାଟିଆଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ କଂଗ୍ରେସ ନେତା ଓ କର୍ମୀମାନେ ମାଲ୍ୟାର୍ପଣ କରିଥିଲେ। ସେଠାରୁ ସେମାନେ ଶୋଭାଯାତ୍ରାରେ ଆସି ପୀରହାଟ ବଜାରରେ ପହଞ୍ଚିବା ପରେ ୧୦ କି.ମି. ପଦଯାତ୍ରାରେ ଯାଇ କାଳୀପଡ଼ିଆରେ ଆୟୋଜିତ ପ୍ରତିବାଦ ସଭାରେ ଯୋଗ ଦେଇଥିଲେ। ବ୍ଲକ କଂଗ୍ରେସ ସଭାପତି ସରୋଜ କୁମାର ଦାସ ଏଥିରେ ପୌରୋହିତ୍ୟ କରିଥିଲେ। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ମନ୍ତ୍ରୀ ନେତ୍ରାନନ୍ଦ ମଲ୍ଲିକ, ଜିଲା ସଭାପତି ନଳିନୀକାନ୍ତ ମହାନ୍ତି, ରାଷ୍ଟ୍ରୀୟ କଂଗ୍ରେସ ସଦସ୍ୟା ମଧୁମିତା ସେଠୀ, ରାଜ୍ୟ ସେବା ଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ରାଜ୍ୟ ମହିଳା ସେବା ଦଳ ଅଧ୍ୟକ୍ଷା ଉଷାରାଣୀ ବେହେରା, ରାଜ୍ୟ ଉପାଧ୍ୟକ୍ଷା ଜାନକୀ ମଲ୍ଲିକ, ବରିଷ୍ଠ ନେତା ଅସିତ ପଟ୍ଟନାୟକ, ଅମିୟ ମହାପାତ୍ର, ରଞ୍ଜନ ବେହେରା, ଦିଗମ୍ବର ଦାସ, ବିଦ୍ୟାଧର ଜେନା, ସୁଲୋଚନା ନାୟକ, ଯୁବ କଂଗ୍ରେସ ସଭାପତି କୃଷ୍ଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପାଢ଼ୀ, ପୂର୍ବତନ ସମିତିସଭ୍ୟ ରମେଶ ଦାସ, ପାର୍ଥସାରଥୀ ଦାସ ବିଜେଡି ଓ ଭାଜପା ଛାଡ଼ି କଂଗ୍ରେସରେ ଯୋଗ ଦେଇଛନ୍ତି। ବରିଷ୍ଠ ନେତା ସଚିକାନ୍ତ ନାୟକ ସଭା ସଞ୍ଚାଳନ କରିଥିଲେ। ଦିବ୍ୟସିଂ ବଳ, ନରହରି ନାୟକ, ବସନ୍ତ ନାୟକ, ଗୋରାବାବୁ ସାହା, ଶ୍ୟାମସୁନ୍ଦର ପରିଡ଼ା, ଗଣେଶ ମଲ୍ଲିକ, ସୌମ୍ୟରଞ୍ଜନ ବାରିକ, ତ୍ରିଲୋଚନ ମହାଲିକ, ସୁରେଶ ମହାପାତ୍ର, ଭାସ୍କର ନାଥ, ଧୀରେନ୍ଦ୍ର ତ୍ରିପାଠୀ, ନବଘନ ସାହୁ, ଚନ୍ଦ୍ରକାନ୍ତ ବାରିକ, ମଧୁସୂଦନ ନାୟକ, ବେଣୁଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବାସୁଦେବପୁରରେ ସିଆଇଏସ୍‌ଏଫ୍‌ର ସାଇକେଲ ଶୋଭାଯାତ୍ରା



**ବାସୁଦେବପୁର,୩୧।୧(କାଳିପଦ ରାୟ)**

ବାସୁଦେବପୁର ପୌରାଞ୍ଚଳ ଅଧୀନ ନୀଳମଣି ଟାଉନ ହଲ୍‌ଠାରେ ଶନିବାର ସିଆଇଏସ୍‌ଏଫ୍(କେନ୍ଦ୍ରୀୟ ଶିଳ୍ପାଞ୍ଚଳ ସୁରକ୍ଷା ବାହିନୀ)ର କୋଷ୍ଟାଲ ସାଇକ୍ଲୋଥନ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରାଯାଇଛି। ରାଷ୍ଟ୍ରୀୟ ସଙ୍ଗୀତ 'ବନ୍ଦେ ମାତରମ୍'ର ୧୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ଦେଶର ପୂର୍ବ ଓ ପଶ୍ଚିମ ତଟକୁ ମିଳିତ ଯାତ୍ରା ପାଇଁ ୩୩ ମହିଳା ଓ ୩୨ ପୁରୁଷ ସାଇକେଲ ଆରୋହୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ଏହି ଯାତ୍ରା ଗତ ୨୮ ତାରିଖରେ ପଶ୍ଚିମବଙ୍ଗର ପୂର୍ବତଟ ବଖାଲି ଓ ଗୁଜରାଟର ପଶ୍ଚିମତଟ ଲଖପତ୍ ପୋର୍ଟରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ଫେବୃଆରୀ ୨୮ରେ କେରଳର କୋଚିଠାରେ ଶେଷ ହେବ। ଶନିବାର ସାଇକେଲ ଆରୋହୀମାନେ ବାଲେଶ୍ୱର ଜିଲାର ଚାନ୍ଦିପୁର ଅଞ୍ଚଳରୁ ଯାତ୍ରା ଆରମ୍ଭ କରି ବାସୁଦେବପୁର, ବାଲିମୁଣ୍ଡା, କଇଥଖୋଲା ଓ ଧାମରାକୁ ଯାତ୍ରା କରିଥିଲେ। ସେମାନେ ବାସୁଦେବପୁରର ଟାଉନ ହଲ୍‌ଠାରେ ପହଞ୍ଚିବା ପରେ ପୌରାଧ୍ୟକ୍ଷା ନିବେଦିତା ବେହେରା, ଉପାଧ୍ୟକ୍ଷ ଉତ୍ତମ ବାରିକ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ପାରିଷଦ ଜଗବନ୍ଧୁ ଦାସ, ଚନ୍ଦନ କୁମାର ସେନ ପ୍ରମୁଖ ସ୍ୱାଗତ କରିଥିଲେ। ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସମସ୍ତ ସାଇକେଲ ଆରୋହୀଙ୍କୁ ହଲ୍ ଭିତରକୁ ପାଛୋଟି ନିଆଯାଇଥିଲା। ଏହାପରେ ପୌରାଧ୍ୟକ୍ଷାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱାଇଁ ଓ ସିଆଇଏସ୍‌ଏଫ୍‌ର କମାଣ୍ଡାଣ୍ଟ ସୁରେନ୍ଦ୍ର କୁମାର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ଜନସାଧାରଣଙ୍କ ସୁରକ୍ଷା, ଜୀବନ ଜୀବିକା, ସଂସ୍କୃତି, ପରମ୍ପରାର ଅନୁଶୀଳନ, ଶାରୀରିକ ସୁସ୍ଥତା ବଜାୟ ରଖିବା, ପୋଲିସକରଣ ଓ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ସୁରେନ୍ଦ୍ର କୁମାର କହିଥିଲେ।

## ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାରଣାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ଭଣ୍ଡାରିପୋଖରୀ,୩୧।୧(ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ଶିକ୍ଷା ବିଭାଗ ଅଧୀନ ମହୁରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଆଦର୍ଶ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାରଣାଙ୍କୁ ଶନିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷକତା ଜୀବନର ଶେଷ କାର୍ଯ୍ୟ ଦିବସରେ ବିଦ୍ୟାଳୟ ପରିସରରେ ବରିଷ୍ଠ ସହକାରୀ ଶିକ୍ଷକ ପ୍ରସନ୍ନ କୁମାର ମହାକୁଲଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହକୁ ମୁଖ୍ୟଅତିଥି ଭାବେ ଭଦ୍ରକ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଡ.ଗିରିଶ ବିହାରୀ ମିଶ୍ର, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ଧୀରେନ୍ଦ୍ର ଦାଶ, ପୂର୍ବତନ ବିଇଓ ବିରେନ୍ଦ୍ର ଦାଶ, ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସୁଦର୍ଶନ ସେଠୀ, ଖଗେଶ୍ୱର ମହାପାତ୍ର, ପ୍ରଦୀପ୍ତ ଦାସ, ପୂର୍ବତନ ସମିତିସଭ୍ୟ ସୀତାକାନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ। ବିଦାୟୀ ଶିକ୍ଷକ ମହାରଣା ଜଣେ ଛାତ୍ରବତ୍ସଳ, ନିଷ୍ଠାପର, ସମୟାନୁର୍ତ୍ତିତା ସହ ଅନୁଷ୍ଠାନପ୍ରେମୀ ଓ ଆଦର୍ଶ ଶିକ୍ଷକ ଥିଲେ ବୋଲି ଅତିଥିମାନେ କହିଥିଲେ। ଶିକ୍ଷକ ସୁକାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ମନସ୍ୱିନୀ ରାଉତ ସ୍ୱାଗତ ଭାଷଣ ପ୍ରଦାନ ଓ ପୁରାତନ ଛାତ୍ରସଂସଦର ସଭାପତି ସଞ୍ଜୟ ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହକାରୀ ଶିକ୍ଷକ ସୌମ୍ୟ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କମିଟି କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

## ଉଦ୍‌ଘାଟନୀ ମ୍ୟାଚ୍‌ରେ ଯାଜପୁର ବିଜୟୀ



**ଧାମନଗର,୩୧।୧(ସନ୍ତୋଷ କୁମାର ମହାପାତ୍ର)**

ଧାମନଗର ବ୍ଲକ ଅଧୀନ ଦଳାଙ୍ଗ ପଞ୍ଚାୟତର ଜାହାଙ୍ଗୀର ବଜାରସ୍ଥିତ କାଳୀପଡ଼ିଆରେ ମା' ଶ୍ୟାମାକାଳୀ ୟୁଥ୍ କ୍ଲବ୍ ପକ୍ଷରୁ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ସରପଞ୍ଚ ରଞ୍ଜିତ ଜେନା ଓ ସାମାଜିକ କର୍ମୀ ବିଚିତ୍ରାନନ୍ଦ ହାତୀ ଯୋଗ ଦେଇଥିଲେ। ରକି କ୍ରିକେଟ କ୍ଲବ୍ ବାଲେଶ୍ୱର ଓ ଇଲେଭେନ ଷ୍ଟାର କ୍ରିକେଟ କ୍ଲବ୍ ଯାଜପୁର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ହୋଇଥିଲା। ଯାଜପୁର ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୯୨ ରନ୍ କରିଥିଲା। ବାଲେଶ୍ୱର ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୭୫ ରନ୍ କରିଥିଲା। ଏଥିରେ ଯାଜପୁର ଟିମ୍ ବିଜୟୀ ହୋଇଛି। ଦଳର ଚନ୍ଦନ ନାୟକ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଥିଲେ। ଅମ୍ପାୟର ଭାବେ ସନ୍ୟାସୀ ନାୟକ ଓ ରାଧେଶ୍ୟାମ ଜେନା, ସ୍କୋରର ସୂର୍ଯ୍ୟକାନ୍ତ ଘଡ଼ାଇ, ଭାଷ୍ୟକାର ଭାବେ ବିଶ୍ୱଜିତ୍ ପାଢ଼ୀ ଓ ସୁଶାନ୍ତ ଦାସ ଦାୟିତ୍ୱ ନିର୍ବାହ କରିଥିଲେ। ଅନନ୍ତ ମହାରଣା, ମାନସ ପୁହାଣ ଓ ବଳବନ୍ତ ମହାରଣା ସହଯୋଗ କରିଥିଲେ।

## ଜାତୀୟ ସଡ଼କ ସୁରକ୍ଷା ମାସର ଉଦ୍‌ଯାପନୀ ଉତ୍ସବ

**ଭଦ୍ରକ,୩୧।୧(ରବିନାରାୟଣ ଖିଲାର)**




ତିହିଡ଼ିର ସଂଗଠକ ବାବି ସାହୁଙ୍କୁ ସଚେତନତା କାର୍ଯ୍ୟକ୍ରମରେ ସହଯୋଗ ପାଇଁ ସମ୍ବର୍ଦ୍ଧିତ କରାଯାଉଛି।

ଭଦ୍ରକ ଜିଲା ସଂସ୍କୃତି ଭବନଠାରେ ଶନିବାର ଜାତୀୟ ସଡ଼କ ସୁରକ୍ଷାର ମାସିକ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଲୋକଙ୍କ ମଧ୍ୟରେ ସଡ଼କ ସୁରକ୍ଷା ପ୍ରତି ଯେଉଁ ସଚେତନତା କରାଯାଇଛି, ତାହାକୁ ଅଧିକ ମାତ୍ରାରେ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବରେଣ୍ୟ ଅତିଥି ଭାବେ ଏସ୍‌ପି ମନୋଜ କୁମାର ରାଉତ ଯୋଗଦେଇ ଜିଲାରେ ସଡ଼କ ଦୁର୍ଘଟଣା ହ୍ରାସ ଓ ସଡ଼କ ସୁରକ୍ଷାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଗତି ନିୟନ୍ତ୍ରଣ, ହେଲ୍‌ମେଟ ଓ ସିଟ୍‌ବେଲ୍ଟ ବ୍ୟବହାର ନିଶ୍ଚିତକରଣ, ମଦ୍ୟପାନ କରି ଯାନ ଚାଳନା ବିରୋଧରେ କଠୋର ପଦକ୍ଷେପ ନେବା ସହ ଜନସଚେତନତା କାର୍ଯ୍ୟକ୍ରମକୁ ଅଧିକ ଗତି ଦେବାକୁ ଜିଲାପାଳ ଓ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ।

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ୧ ମାସ ଧରି ଚାଲିଥିବା ସଡ଼କ ସୁରକ୍ଷା ମାସରେ ଛାତ୍ରୀଛାତ୍ରଙ୍କୁ ନେଇ ସାଇକେଲ ରାଲି, ଯୁବକମାନଙ୍କର ବାଇକ୍ ରାଲି ଓ ସଡ଼କ ସୁରକ୍ଷାରେ ବିଭିନ୍ନ ବିଦ୍ୟାଳୟର ପ୍ରଯୁକ୍ତି ପ୍ରଦର୍ଶନୀ କରାଯାଇ ସଚେତନତା କରାଯାଇଥିଲା। ଏମ୍‌ଭିଆଇ ବାମଦେବ ସାହୁ, ଜିଲା ସଡ଼କ ସୁରକ୍ଷା କମିଟି ସଭ୍ୟ ରୋଟାରିଆନ ଅତିସ ବେହେରା, ବସ୍ ସିଣ୍ଡିକେଟ ସଭାପତି ଶ୍ରୀନିବାସ ପତି, ସମ୍ପାଦକ ରାଜେନ୍ଦ୍ର ମହାପାତ୍ର, ରାଜେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀକାନ୍ତ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଟ୍ରାଫିକ ପୋଲିସ, ଆର୍‌ଟିଓ କର୍ମଚାରୀ, ବିଭିନ୍ନ ସଂଗଠନର ମୁଖ୍ୟଙ୍କୁ ଜିଲାପାଳ ଏବଂ ଏସ୍‌ପି ସମ୍ବର୍ଦ୍ଧିତ କରିଥିଲେ।

## କାହାରି ଟୋକନ ଲାପ୍ସ ହେବନି: ଯୋଗାଣ ମନ୍ତ୍ରୀ

### ଧାନକିଣା ନେଇ ସମୀକ୍ଷା ବୈଠକ

**ଭଦ୍ରକ/ ଭଣ୍ଡାରିପୋଖରୀ, ୩୧।୧ (ସନାତନ ରାଉତ/ରାଜେନ୍ଦ୍ର ଶତପଥୀ)**



ବୈଠକରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟ ଅଧିକାରୀ।

ସମସ୍ତ ଚାଷୀଙ୍କ ଧାନ କିଣାଯିବ। କୌଣସି ଗୋଟିଏ ବି ଟୋକନ ଲାପ୍ସ ହେବ ନାହିଁ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଏହା କହିବା ସହ ଧାନକିଣା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଚଳିତବର୍ଷ ଧାନକିଣାରେ ସାମାନ୍ୟ ବିଳମ୍ବ ହୋଇଛି। ଭଦ୍ରକ ଜିଲାରେ ଧାନ ଉତ୍ପାଦନ ଅଧିକ ରହିଥିବା ବେଳେ ମିଲ୍ କମ୍ ରହିଛି। ବାହାର ଜିଲାର ମିଲରଙ୍କୁ ଧାନକିଣାରେ ନିୟୋଜିତ କରାଯାଇଛି। ସେମାନେ ନିଜ ଜିଲାରେ ଧାନ କିଣି ସାରିବା ପରେ ଭଦ୍ରକରୁ ଧାନ କିଣିବେ। ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ଧାନ ବିକ୍ରି ଟଙ୍କା ପ୍ରଦାନ କରାଯାଉଛି। ଜିଲାରେ ଏପର୍ଯ୍ୟନ୍ତ ୨୦.୪୪ ପ୍ରତିଶତ ଚାଷୀଙ୍କଠାରୁ ୨ ଲକ୍ଷ ୭୧ ହଜାର ୮୯୩ କୁଇଣ୍ଟାଲ ଧାନ କିଣାସରିଛି ବୋଲି ମନ୍ତ୍ରୀ କହିଥିଲେ। ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ସରୋଜ ଦତ୍ତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଜିଲା ପରିଷଦ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ଯୋଗଦେଇଥିଲେ। ଜିଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଚାଷୀ କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ଭଣ୍ଡାରିପୋଖରୀ ବ୍ଲକର ରହଣିଆ ସେବା ସମବାୟ ସମିତିରେ ମଣ୍ଡି ପରିଦର୍ଶନ କରି ଧାନକିଣା ସମ୍ବନ୍ଧରେ ସମୀକ୍ଷା କରିଥିଲେ। ଏହି ମଣ୍ଡିରେ ୧୦ହଜାର ୪୦୦ କୁଇଣ୍ଟାଲ ଧାନ କିଣା ପାଇଁ ଟାର୍ଗେଟ ଥିବାବେଳେ ୯୦ ଚାଷୀଙ୍କଠାରୁ ୩ହଜାର ୯୭୫ କୁଇଣ୍ଟାଲ ୩୫କେଜି ଧାନ କିଣାଯାଇଥିବା ଅବଗତ କରାଯାଇଛି। ପ୍ରକାଶଥାଉ କି, ଚଳିତ ବର୍ଷ ଭଦ୍ରକ ଜିଲାରେ ୯୬ ହଜାର ୨୩୨ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକୃତ କରିଥିବାବେଳେ ୧୩ ଲକ୍ଷ ୩୦ ହଜାର କୁଇଣ୍ଟାଲ ଧାନ କିଣାଯିବାକୁ ଲକ୍ଷ୍ୟ ରଖାଯାଇଛି। ୧୫୧ଟି ମଣ୍ଡିରେ ସରକାରୀ ଦରରେ ଧାନକିଣା ଆରମ୍ଭ ହୋଇଛି।

## ନାବାଳକଙ୍କୁ ଛୁରା ମାଡ଼

ଯୋଡା,(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ବସ୍‌ଷ୍ଟାଣ୍ଡରେ କମାରଯୋଡ଼ା ଅଞ୍ଚଳର ଜଣେ ନବମଶ୍ରେଣୀ ଛାତ୍ରଙ୍କୁ ଛୁରାମାଡ଼ ହୋଇଛି। ଶନିବାର ସନ୍ଧ୍ୟା ୭ ଟାରେ ଯୋଡ଼ା ବସ୍‌ଷ୍ଟାଣ୍ଡରେ କିଛି ନାବାଳକଙ୍କ ମଧ୍ୟରେ ବଚସା ପରେ ଛୁରାମାଡ଼ ହୋଇଥିଲା। ଛୁରା ମାଡ଼ରେ ଗୁରୁତର ଛାତ୍ରଙ୍କୁ ପ୍ରଥମେ ଯୋଡ଼ାର ଏକ ଘରୋଇ ନର୍ସିଂହୋମ ଏବଂ ପରେ ତାଙ୍କୁ ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗୁରୁତର ନାବାଳକଙ୍କ ଅବସ୍ଥା ସ୍ଥିର ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି।

**କେନ୍ଦୁଝର**

# କାନପୁର ଜଳସେଚନ ପ୍ରକଳ୍ପର ମାଟିବନ୍ଧ ଦବିଲା



ମାଟିବନ୍ଧ ଦବିଯାଇଛି।

**ଯୋଡ଼ା,୩୧।୧(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ରେ ବୈତରଣୀ ନଦୀ ଉପରେ ନିର୍ମାଣ ହେଉଥିବା କାନପୁର ବୃହତ୍ ଜଳସେଚନ ପ୍ରକଳ୍ପର ମାଟିବନ୍ଧ ଦବିଯାଇଛି। ବନ୍ଧର ନିର୍ମାଣ ଶୀଘ୍ର ସାରିବାକୁ ରାଜ୍ୟ ସରକାର ଅଣ୍ଟା ଭିଡୁଥିବା ମାଟି ବନ୍ଧର ୨ଟି ସ୍ଥାନ ମାଟି ଦବିଯିବାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ନିମ୍ନମାନର କାମ ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ବିଭାଗ ପକ୍ଷରୁ ସ୍ଲୁଇସ୍ ଗେଟ୍‌ର ଏବଂ ଡିପ୍ଲିସନ ସ୍ଲୁଇସ୍‌ର ନିର୍ମାଣ ଚାଲିଛି। ଏତଦ୍ ବ୍ୟତୀତ ମୁଖ୍ୟ କେନାଲର ମଧ ନିର୍ମାଣ ପର୍ଯ୍ୟାୟକ୍ରମେ ଜାରି ରହିଛି। କାନପୁରର ସମ୍ପୂର୍ଣ୍ଣ ଲମ୍ୱ ୩୪୬୦ ମିଟର ହୋଇଥିବା ବେଳେ ଏହାର ଉଚ୍ଚତା ୩୯.୫୦ ମିଟର ରହିଛି। ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ ପ୍ରୟାସ ଜାରି ରହିଥିବା ବେଳେ ଏଭଳି ସମୟରେ ମାଟିବନ୍ଧ ଦବିଯାଇଛି। ଫଳରେ ବନ୍ଧର ସ୍ଥାୟିତ୍ୱକୁ ନେଇ ଆଲୋଚନା ହେଉଛି। ବିସ୍ଥାପିତ ଜଗନ୍ନାଥ ତିରିଆ, ଭୀମସେନ ବାରିକ, ବୀରବର ମହାନ୍ତ, ପଙ୍କଜ ମହାନ୍ତ, ରମାକାନ୍ତ ମହାନ୍ତ ପ୍ରମୁଖ କହିଛନ୍ତି, ବିଗତ ସରକାରଙ୍କ ସମୟରେ ନିମ୍ନମାନର ବନ୍ଧ କାର୍ଯ୍ୟ ହୋଇଥିଲା। ଅଧିକ ପାଣି ଜମା ହେବାପରେ ଏପରି ପରିସ୍ଥିତି ଦେଖାଯାଇଛି। ବନ୍ଧ ନିର୍ମାଣ ସମୟରେ କାର୍ଯ୍ୟ କରୁଥିବା ଠିକାସଂସ୍ଥା ବ୍ଲାକ୍‌ଷ୍ଟୋନ ପରିବର୍ତ୍ତେ ନିମ୍ନମାନର ଲୁଣି ପଥର ଲଗାଇଛି। ଏହାକୁ ସେ ସମୟରେ ସ୍ଥାନୀୟ ଲୋକେ ବିରୋଧ କରିବା ସତ୍ତ୍ୱେ ଠିକାସଂସ୍ଥା ଅଣଦେଖା କରିଥିଲା। ଏଥିସହ ଦବିଯାଇଥିବା ସ୍ଥାନରେ ପୂର୍ବରୁ ଗ୍ରାମଶ୍ରୀ ମେଢ଼ ରହିଥିଲା। କାନପୁର ପ୍ରକଳ୍ପ ପକ୍ଷରୁ ସ୍ଥାନୀୟ ପୂଜକଙ୍କୁ ଦ୍ୱାରା ପୂଜା ନ କରାଇ ଘଟଗାଁରୁ ପୂଜକ ଆଣି ସେ ସମୟରେ ୧୪୪ ଧାରା ଲଗାଇ ଉଚ୍ଛେଦ କରାଯାଇଥିଲା। ସେହି କାରଣରୁ ମଧ ବନ୍ଧ ଭାଙ୍ଗୁଥିବା ସେମାନେ ବିଶ୍ୱାସ କରୁଥିବା କହିଥିଲେ। ଏ ସଂକ୍ରାନ୍ତରେ କାନପୁର ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମହେନ୍ଦ୍ର ବେହେରା କହିଛନ୍ତି, ଏହାର କାରଣ ଜାଣିବା ପାଇଁ ଏକ ବୈଷୟିକ ବିଶେଷଜ୍ଞ ଦଳ ସମେତ ବିଶେଷଜ୍ଞ ଧନେଶ୍ୱର ସାହା ଦବିଥିବା ସ୍ଥାନ ପରିଦର୍ଶନ କରିଛନ୍ତି। ମାଟି ସଂଗ୍ରହକରି ପରୀକ୍ଷଣ ପାଇଁ ବୁର୍ଲାସ୍ଥିତ କେନ୍ଦ୍ରୀୟ ପରୀକ୍ଷା ଗାରକୁ ପଠାଯାଇଛି। ରିପୋର୍ଟକୁ ଆଧାରକରି ପଦକ୍ଷେପ ନିଆଯିବ।

## ସୋସୋରେ ୫୭ତମ ବିଶ୍ୱଶାନ୍ତି ଗୀତାଯଜ୍ଞ

ବଉଳା,୩୧।୧(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସୋସୋ ଗ୍ରାମରେ ୫୭ତମ ବିଶ୍ୱଶାନ୍ତି ଗୀତାଯଜ୍ଞ ଅନୁଷ୍ଠିତ ହୋଇଛି। ଶୁକ୍ରବାର ସାଳନ୍ଦୀ ନଦୀ ଘାଟରୁ ପୂଜାର୍ଚ୍ଚନା କରାଯାଇ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଯଜ୍ଞ ଅନନ୍ତ ନାରାୟଣ ମଠର ମଠାଧିଶ ସିଦ୍ଧ ପୁରୁଷ ଶ୍ରୀ ଶ୍ରୀ କୃଷ୍ଣଦାସ ବାବାଜୀ ମହାରାଜଙ୍କ ପରାମର୍ଶ, ବ୍ରାହ୍ମଣ ସୁଦର୍ଶନ ଦାଶଙ୍କ ତତ୍ତ୍ୱାବଧାନ ଓ ସ୍ୱର୍ଗତ କୃଷ୍ଣ ପ୍ରସାଦ ଦାସଙ୍କ ସହଯୋଗରେ ବିଶ୍ୱ କଲ୍ୟାଣ ନିମିତ ଗୀତାଯଜ୍ଞ ୧୯୭୦ରେ ଶୁଭାରମ୍ଭ ଘଟିଥିଲା। ଯଜ୍ଞକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ କମିଟି ପକ୍ଷରୁ ଅନ୍ନସେବନ ବ୍ୟବସ୍ଥା କରାଯାଇଛି। ସଭାପତି ରମେଶ ମହାନ୍ତି, ସହ ସମ୍ପାଦକ ଶରତ ରାଉତ, ସମ୍ପାଦକ ସୁକୁମାର ଦାସ, ଗୈରାଙ୍ଗ ରାଉତ, ରମାକାନ୍ତ ସିଂ, ବିନୋଦ ସିଂ, ଆନନ୍ଦ ଚନ୍ଦ୍ର ନାୟକ, ପୂର୍ବତନ ସରପଞ୍ଚ ବୈଲୋଚନ ନାୟକ, ରଙ୍ଗାଧର ସିଂ, ନିରାକାର ରାଉତ ପ୍ରମୁଖଙ୍କ ସମେତ ଯୁବକ ସଂଘ ଓ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟ ପରିଚାଳନା କରାଯାଉଛି।

# ସ୍କୁଲରେ ପହଞ୍ଚିଲା ତଦନ୍ତକାରୀ ଟିମ୍

**ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର ଅସୁସ୍ଥ ହେବା ଘଟଣା**



ଟିମ୍ ଘଟଣା ସମ୍ପର୍କରେ ପଚାରି ବୁଝୁଛି।

**ପାଟଣା,୩୧।୧(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଗୋରାସ ବୁଢ଼ୀପାଟ ଉଚ୍ଚ ବିଦ୍ୟାଳୟର ୬ ଜଣ ଛାତ୍ରୀଛାତ୍ର ଶୁକ୍ରବାର ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କ ମଧ୍ୟରେ ୨ ଜଣ ଛାତ୍ର ଓ ୪ ଜଣ ଛାତ୍ରୀ ରହିଥିଲେ। ସମସ୍ତେ ଅସ୍ୱାଭାବିକ ଭାବେ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ୩ ଛାତ୍ର ସୁସ୍ଥ ହୋଇ ଶନିବାର ଘରକୁ ଫେରିଥିବା ବେଳେ ୩ ଜଣ ଚିକିତ୍ସାଧୀନ ଅଛନ୍ତି। ଶନିବାର ଏକ ତଦନ୍ତକାରୀ ଟିମ୍ ବିଦ୍ୟାଳୟରେ ପହଞ୍ଚି ସ୍ଥିତି ପରଖିଛନ୍ତି।

ପ୍ରକାଶ ଯେ, ଛାତ୍ରୀଛାତ୍ର ଅସୁସ୍ଥ ହେବା ପରେ ପ୍ରଧାନଶିକ୍ଷକ ସହଦେବ ମାହାନ୍ତ ଡାକ୍ତରଖାନାକୁ ନ ନେଇ ପ୍ରଥମେ ସ୍କୁଲ ସମ୍ମୁଖରେ ଦରି ପାକାଇ ଗୁଣିଆ ଡାକାଇ ଝାଡ଼ାଫୁଙ୍କା କରିଥିଲେ। ଲୋକେ ରୁଣ୍ଡ ହେବାରୁ ଓ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଡାକ୍ତରଖାନାକୁ ନିଆଯାଇଥିଲା। ଏ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରିକି ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ଖବରଦାତା ଓ ସାଧାରଣ ଲୋକଙ୍କୁ ଦୁର୍ବ୍ୟବହାର କରିଥିଲେ। ଶନିବାର ଜିଲାପାଳ ବିଶାଳ ସିଂହଙ୍କ ନିର୍ଦ୍ଦେଶ କ୍ରମେ ସାହାରପଡ଼ା ବିଡିଓ ରଣଜିତ୍ ମହାନ୍ତ ଓ ସାହାରାପଡ଼ା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୟାନିଧୀ ପାତ୍ର ବିଦ୍ୟାଳୟକୁ ଯାଇ ଦତନ୍ତ କରି ଫେରିଛନ୍ତି। ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ବିଡିଓ କହିଛନ୍ତି। ୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩ ଜଣ ଛାତ୍ରୀ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଜଣେ ଛାତ୍ରୀ ଓ ୨ ଜଣ ଛାତ୍ର ଚିକିତ୍ସାଧୀନ ଥିବା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କହିଛନ୍ତି।

## ବାଙ୍ଗୋର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବଉଳା,୩୧।୧(ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ବାଙ୍ଗୋର ସରକାରୀ ଉଚ୍ଚ ବିଦ୍ୟାଳୟର ୫୭ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଖମାରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ବିଇଓ ଧନେଶ୍ୱର ଖଣ୍ଡେଇ, ମୁଖ୍ୟ ବକ୍ତାଭାବେ ସାହିତ୍ୟକ ତଥା ଶିକ୍ଷାବିତ୍ ଚର୍ତୁଭୁଜ ପହି, ସ୍ୱତନ୍ତ୍ର ଅତିଥି ଅଲେଖ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ସାହିତ୍ୟିକ ନାରାୟଣ ଚନ୍ଦ୍ର ଲେଙ୍କା, ସୁରେନ୍ଦ୍ର ନାଥ ରାଉତ, ଅନାଦି ଚରଣ ବିନ୍ଧାଣୀ, ଅନନ୍ତ ଚରଣ ରାଉତ, ଦୁର୍ଯ୍ୟୋଧନ ନାଏକ ଯୋଗଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ବିରିଡ଼ିହା ହରିଜନସାହିରେ ଜଳସଙ୍କଟ



ନଳକୂପ ନିକଟରେ ମହିଳାମାନେ ପ୍ରତିବାଦ କରୁଛନ୍ତି।

**୨ ମାସ ହେବ ନଳକୂପ ଅଚଳ**

**ଆନନ୍ଦପୁର,୩୧।୧(ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅଧୀନ କର୍ଣ୍ଣିପାଳ ପଞ୍ଚାୟତ ବିରିଡ଼ିହା ଉପର ହରିଜନସାହିରେ ପାନୀୟ ଜଳସଙ୍କଟ ଦେଖାଯାଇଛି। ୨ ମାସ ହେଲା ଗ୍ରାମରେ ଥିବା ନଳକୂପ ଅଚଳ ହୋଇପଡ଼ିଛି। ମରାମତି ନିମନ୍ତେ ପଞ୍ଚାୟତ, ବ୍ଲକ୍‌ରେ ଅଭିଯୋଗ ପରେ ବି କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ସାହିବାସୀ ପାନୀୟଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଶୁକ୍ରବାର ସାହିର ମହିଳାମାନେ ଖରାପ ନଳକୂପ ନିକଟରେ ଗରା, ବାଲ୍‌ଟି ରଖି ପ୍ରତିବାଦ କରିଥିଲେ।

ପ୍ରକାଶ ଯେ, ବିରିଡ଼ିହା ଉପର ହରିଜନସାହିରେ ୩୫ ଘର ଥିବା ବେଳେ ୨୦୦ ଲୋକ ବସବାସ କରୁଛନ୍ତି। ସାହିରେ ସର୍ବସାଧାରଣରେ ବ୍ୟବହାର ପାଇଁ ଗୋଟିଏ ନଳକୂପ ରହିଛି। ମାତ୍ର ଉକ୍ତ ନଳକୂପଟି ଗତ ୨ ମାସ ହେବ ଅଚଳ ହୋଇପଡ଼ିଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ ବି କେହି ଶୁଣୁ ନ ଥିବା ସାହିର ମହିଳା କହିଛନ୍ତି। ପାଇପ୍ ଯୋଗେ ପାଣି ଯୋଗାଣ ହେଉଛି। ମାତ୍ର ସ୍ୱଳ୍ପ ସମୟ ପାଇଁ ପାଣି ଛଡ଼ାଯାଉଥିବାରୁ ନିଅଣ୍ଟ ପଡୁଛି। ସାହିରେ ଥିବା ପୋଖରୀ ପାଣି ବ୍ୟବହାରଯୋଗ୍ୟ ହେଉ ନ ଥିବାରୁ ହଇରାଣ ହେଉଛନ୍ତି। ଆଗକୁ ଗ୍ରୀଷ୍ମଋତୁ ଆସୁଥିବାରୁ ନଳକୂପଟିକୁ ଶୀଘ୍ର ମରାମତି କରିବାକୁ ଗ୍ରାମର ମମତା ଜେନା, ସମ୍ବରୀ ଜେନା, ତୁଲସା ଜେନା, ମୁନୁ ଜେନା, ଉଷା ଜେନା, ଯଦୁମଣି ଜେନା ଅଭିଯୋଗ କରିଛନ୍ତି। ଆରଡବ୍ଲୁଏସ୍‌ଏସ୍ ଜେଇଙ୍କୁ ୨୦ ଦିନ ପୂର୍ବେ ଏ ସମ୍ପର୍କରେ ଅବଗତ କରାଯାଇଥିବା ବେଳେ ସେ ୨ ଦିନ ମଧ୍ୟରେ ସମାଧାନ କରିଦେବେ ବୋଲି କହିଥିଲେ। ମାତ୍ର ନଳକୂପ ମରାମତି ହୋଇ ନ ଥିବାରୁ ମହିଳାମାନେ ନଳକୂପ ନିକଟରେ ଗରା, ବାଲ୍‌ଟି ରଖି ପ୍ରତିବାଦ ଜଣାଇଛନ୍ତି। ଆରଡବ୍ଲୁଏସ୍‌ଏସ୍ ଜେଇ ସୁଧାଂଶୁ ଶେଖର ସ୍ୱାଇଁଙ୍କୁ ପଚାରିବାରୁ ସେ ଛୁଟିରେ ଥିବା କହିଥିଲେ।

# ପୌରପାଳିକା ପକ୍ଷରୁ ୭ ଦୋକାନ ଗୃହ ସିଲ୍

**କେନ୍ଦୁଝର,୩୧।୧**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ଶନିବାର ମୋଚିବନ୍ଧ ହାଇସ୍କୁଲ ନିକଟରେ ଥିବା ୭ଟି ଦୋକାନକୁ ଭଡ଼ା ପୈଠ କରି ନ ଥିବାରୁ ପୋଲିସ ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସିଲ କରାଯାଇଛି। ବାରମ୍ବାର ନୋଟିସ୍ ସତ୍ତ୍ୱେ ପୈଠ ନ କରିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ପୌରପାଳିକା ପକ୍ଷରୁ କୁହାଯାଇଛି।

ପ୍ରକାଶ ଯେ, ବକେୟା ଭଡ଼ା ବାବଦରେ ୮ ଟି ଦୋକାନର ଉପରେ ମାର୍ଚ୍ଚ ୨୦୨୫ ସୁଦ୍ଧା ୪୮୭୫୦୦ ଟଙ୍କା ବାକି ଗଡୁଥିଲା। ଶନିବାର ଜଣେ ଦୋକାନୀ ବକେୟା ବାବଦକୁ ୨ ଦିନ ତଳେ ୩୬ ହଜାର ଟଙ୍କା ପୈଠ କରିଦେବାରୁ ବାଦ ପଡ଼ିଥିଲେ। ଅନ୍ୟ ୭ ଦୋକାନୀ ଉପରେ ୪ ଲକ୍ଷ ୫୧ ହଜାର ୫୦୦ ଟଙ୍କା ବକେୟା ଭଡ଼ା ରହିଛି। ସେମାନଙ୍କୁ ପୌରପାଳିକା ପକ୍ଷରୁ ପୂର୍ବରୁ ବକେୟା ପଇଠ ପାଇଁ ୩ ଥର ନୋଟିସ୍ କରାଯାଇଥିଲା ବୋଲି ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଘରଗୁଡ଼ିକର ମାସିକ ଭଡା ୮୦୦ଟଙ୍କା ରଖା ଯାଇଥିବାବେଳେ ଦୀର୍ଘ ବର୍ଷ ହେଲା ଦୋକାନୀ ଭଡ଼ା ପଇଠ କରି ନ ଥିଲେ। ଦୋକାନ ଘର ସିଲ କରିବା ସମୟରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଆସିଷ୍ଟାଣ୍ଟାଣ୍ଡ କଲେକ୍ଟର ଶେଖର ଚନ୍ଦ୍ର ଜେନା ଓ ପୋଲିସ ଉପସ୍ଥିତ ଥିଲେ। ନିର୍ବାହୀ ଅଧିକାରୀ ଲଳିତ ନାୟକଙ୍କ ଉପସ୍ଥିତିରେ ଅନ୍ୟମାନଙ୍କ ମଧ୍ୟରେ ଜୁନିୟର ଏନ୍‌ଫୋର୍ସମେଣ୍ଟ ଅଫିସର ସୌମ୍ୟରଞ୍ଜନ ନାୟକ, ଟ୍ୟାକ୍ସ କଲେକ୍ଟର ରଞ୍ଜିତ ପାତ୍ର, ଉମ୍ବରୁଧର ପାତ୍ର, ଧିରେନ ମହାରଣା, ସତ୍ୟ ନାରାୟଣ ପତି, ଅପୂର୍ବ ରଞ୍ଜନ ଦାଶ, କୃପାସିନ୍ଧୁ ପ୍ରଧାନଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଉକ୍ତ ଦୋକାନଗୁଡ଼ିକର ବିଦ୍ୟୁତ୍ ସଂଯୋଗ ଟାଟା ପାୱାର ପକ୍ଷରୁ ବିଚ୍ଛିନ୍ନ କରାଯାଇଛି। ସହରରେ ଦୋକାନ ଘର ବା ମାର୍କେଟ କମ୍ପ୍ଲେକ୍ସ ଯାଞ୍ଚ କରାଯାଇ ଆବଶ୍ୟକ ପାର୍କିଂ ସୁବିଧା ନ ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି।



ଅଧିକାରୀମାନେ ଦୋକାନଗୃହ ସିଲ୍ କରୁଛନ୍ତି।

## ଜନସାଧାରଣଙ୍କୁ ଆକୃଷ୍ଟ କରୁଛି ପ୍ରତିଯୋଗିତା

### ବଡ଼ବିଲ ମହୋତ୍ସବର ଦ୍ୱିତୀୟ ଦିବସ



ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

**ବଡ଼ବିଲ,୩୧।୧ (ଜୟନ୍ତୀ ରଣା)**

କେନ୍ଦୁଝର ଜିଲା ବଡ଼ବିଲ ମହୋତ୍ସବର ଦ୍ୱିତୀୟ ଦିବସରେ କାର୍ଟୁନ ଚିତ୍ର, କୁଇଜ, ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲାଲା। ସନ୍ଧ୍ୟାରେ ବଡ଼ି ବିଲ୍ଡିଂ ପ୍ରଦର୍ଶନ ଓ ନୃତ୍ୟ ସଙ୍ଗୀତରେ ମଞ୍ଚ ଦୁଲୁକିଥିଲା। ବିଭିନ୍ନ ପ୍ରତିଯୋଗିତା ଜନସାଧାରଣଙ୍କୁ ଅକୃଷ୍ଟ କରୁଛି।

ପ୍ରକାଶ ଯେ, ଦ୍ୱିତୀୟ ଦିନ ପୂର୍ବାହ୍ନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କାର୍ଟୁନ ଚିତ୍ର, କୁଇଜ୍, ସର୍ବସାଧାରଣଙ୍କ ନିମନ୍ତେ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବଡି ବିଲ୍ଡିଂ ପ୍ରଦର୍ଶନ ଏବଂ ତ୍ରିବେଣୀ କଳାକେନ୍ଦ୍ର, ସିଦ୍ଧି ବିନାୟକ ଓ ଝୁମର ନୃତ୍ୟରେ ମଞ୍ଚ ଦୁଲୁକିଥିଲା। ମୁଖ୍ୟ ଅତିଥିଭାବେ କେନ୍ଦୁଝର ଜିଲା ଅତିରିକ୍ତ ଜିଲାପାଳ ମନ୍ଦାରଧର ମହାଳିକ ଯୋଗଦେଇ ବଡବିଲ ମହୋତ୍ସବ ଭାଇଚାରା ଆଉ ଖୁସିର ଉତ୍ସବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବଡବିଲ ଥାନା ଇନ୍‌ସପେକ୍ଟର ଅଶୋକ କୁମାର ନାୟକ, ବଡ଼ବିଲ ବାନାଞ୍ଚଳ ଅଧିକାରୀ ସଞ୍ଜୀବ କୁମାର ରାଉତ, ପୌର ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ, କମିଟି କାର୍ଯ୍ୟକାରୀ ସଭାପତି ଚନ୍ଦ୍ରଗୁପ୍ତ ପ୍ରସାଦ ଓ କମିଟି କାର୍ଯ୍ୟକାରୀ ସମ୍ପାଦକ ନୀଳମଣି ମହାନ୍ତ ଯୋଗଦେଇଥିଲେ। ଶେଷରେ ସତ୍ୟଜିତଙ୍କ ଦ୍ୱାରା ପରିବେଷିତ ସୁମଧୁର ସଙ୍ଗୀତ ଦୀର୍ଘ ଘଣ୍ଟାଧରି ଦେଖଣାହାରୀଙ୍କ ମନ ମୋହିଥିଲା।

## କେନ୍ଦେଇପୋଶୀ ଆଦର୍ଶ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ପାଟଣା,୩୧।୧(ବୀରକିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦେଇପୋଶୀସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ 'ମହ୍ଲାର' ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ପୁରସ୍କାର ବିତରଣ ସଭାରେ ବିଦ୍ୟାଳୟର ଅଧକ୍ଷ ଦେବଦତ୍ତ ସିଂଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ପାଟଣା ତହସିଲଦାର ଅଶ୍ୱିନୀ ନାଏକ, ମୁଖ୍ୟ ବକ୍ତାଭାବେ ତୁରୁମୁଙ୍ଗା ଦଧିବାମନ ଡିଗ୍ରୀ କଲେଜ ଓଡ଼ିଆ ଅଧାପକ ପଦ୍ମଲୋଚନ ସାହୁ, ସମ୍ମାନିତ ଅତିଥିଭାବେ ପାଟଣା କଲେଜ ରସାୟନ ବିଜ୍ଞାନ ଅଧାପିକା ସୁସ୍ମିତା ସୋଭାଲିନ ମହାପାତ୍ର, ପାଟଣା ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ରାୟ, ପାଟଣା କଲେଜ ଡେମନ ଷ୍ଟ୍ରେଟର ମଦନ ମୋହନ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ସଭାକାର୍ଯ୍ୟକୁ ଶିକ୍ଷକ ଚନ୍ଦ୍ରକାନ୍ତ ନାୟକ ସଂଯୋଜନା କରିଥିବା ବେଳେ ସାତୀ ସଚରିତା ମହାପାତ୍ର ଧନ୍ୟବାଦ ଦେଇଥିଲେ। ଶିକ୍ଷକ ସୁବାଷ ଚନ୍ଦ୍ର ବେହେରା, ସତ୍ୟାନନ୍ଦ ପାଣିଗ୍ରାହୀ, ପ୍ରିୟଦର୍ଶନ ସାହୁ, ଅଜିତ ନାଏକ, ଜ୍ଞାନ ରଞ୍ଜନ ପଣ୍ଡା, ଆଶିଷ ନାଏକ, ଅର୍ପିତା ପ୍ରିୟଦର୍ଶିନୀ ଜେନା, ଦୀପକ ଗୌରବ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ଅକ୍ଷୁଣ୍ଣ ରଖିବାକୁ ଦାବି

**ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ**

**କେନ୍ଦୁଝର,୩୧।୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଂଗ୍ରେସ ନେତା ଓ କର୍ମୀ।

କେନ୍ଦୁଝର ଜିଲା କଂଗ୍ରେସ ସଭାପତି ମନୋଜ କୁମାର ଜେନାଙ୍କ ଆହ୍ୱାନ କ୍ରମେ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ଅଗାରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)କୁ ମୂଳ ରୂପରେ ଅକ୍ଷୁଣ୍ଣ ରଖିବା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ ଦଳର ନେତା ଓ କର୍ମୀମାନେ ରାଲିରେ କଂଗ୍ରେସ ଭବନରୁ ବାହାରି ସହର ପରିକ୍ରମା କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଦାବିମୁତାବକ, ୨୦୦୫ରେ ମନମୋହନ ସିଂହଙ୍କ ଉପା ସରକାର ସମୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକାରୀ ହୋଇ ଶ୍ରମିକଙ୍କୁ କର୍ମ ନିଯୁକ୍ତିର ଅଧିକାର ପ୍ରଦାନ କରାଯାଇଥିଲା। ଦାବି କରିବାର ପନ୍ଦର ଦିନ ଭିତରରେ କାମ ନ ମିଳିଲେ ଶ୍ରମିକଙ୍କୁ ଭତ୍ତା ଦେବା ବ୍ୟବସ୍ଥା ଥିଲା। ଏହାଦ୍ୱାରା ଦୁଃଖଦ ଦାଦନ ସମସ୍ୟା ଲାଘବ ହୋଇ ଶ୍ରମିକଙ୍କ କଲ୍ୟାଣ ହେଉଥିଲା। ପ୍ରାୟ ୫/୬ କୋଟି ପରିବାର ନିୟମିତ କାମ ପାଉଥିଲେ। କାର୍ଯ୍ୟରେ ୬୦ପ୍ରତିଶତ ମହିଳାଙ୍କ ଭାଗିଦାରୀ ରହିଥିଲା। ଏନ୍‌ଡ଼ିଏ ସରକାର ଦ୍ୱାରା ପ୍ରଣିତ ଭିବିଜୀରାମଜୀରେ ଶ୍ରମିକଙ୍କୁ କାମ ଦେବା ନାମରେ ଶ୍ରମିକ ମାରଣ କାର୍ଯ୍ୟକ୍ରମ ବୋଲି କଂଗ୍ରେସ ନେତାମାନେ କହିଥିଲେ। କେନ୍ଦ୍ର ନିଜ ଦାୟିତ୍ୱ କମେଇ ନିଜ ଅନୁଦାନ ୯୦ ପ୍ରତିଶତରୁ ଖସାଇ ୬୦ ପ୍ରତିଶତ କରିଦେଇଛି। ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇବା ଏକ ନିକୃଷ୍ଟ କାର୍ଯ୍ୟ ବୋଲି କହିଥିଲେ। ଗ୍ରାମୀଣ ଜୀବନ ଜୀବିକା ଉପରେ ସରକାରଙ୍କ ଏହିପରି ଆକ୍ରମଣ ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ 'ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବଞ୍ଚାଅ ସଂଗ୍ରାମ' ନାମରେ ଏକ ଆନ୍ଦୋଳନ ଆରମ୍ଭ ହୋଇଛି। ନୂତନ ଆଇନ ଗୋଟି ଶ୍ରମିକ ଓ ଗରିବଙ୍କୁ ଅଧିକାରରୁ ବଞ୍ଚିତ କରି ୮ଟି ଶତ୍ରୁତାପୂର୍ଣ୍ଣ ଆକ୍ରମଣ କରୁଛି। ଅବ୍ୟବସ୍ଥା ବିରୋଧରେ କଂଗ୍ରେସ ଆନ୍ଦୋଳନ ଆରମ୍ଭ କରି ଶନିବାର କେନ୍ଦୁଝର ଜିଲାପାଳଙ୍କ ଦପ୍ତର ସମ୍ମୁଖରେ ପ୍ରତିବାଦ ସଭା କରି ଦଳ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବରିଷ୍ଠ ନେତା ଜୟଦେବ ଜେନାଙ୍କ ନେତୃତ୍ୱରେ ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ସୁବର୍ଣ୍ଣ ନାୟକ, ବରିଷ୍ଠ କଂଗ୍ରେସ ନେତା ଆଲୋକ ମିଶ୍ର, ସୁଢ଼ଳ ସେଠୀ, ସୁବ୍ରତ ଚକ୍ର, ଶେଖ ୟାସିନ, ପ୍ରଦୀପ ଗିରପ୍ରମୁଖ କଂଗ୍ରେସ ନେତା ଓ କର୍ମୀ ଯୋଗଦେଇଥିଲେ।

# 'ସଚେତନ ହେଲେ ଦୁର୍ଘଟଣା କମିବ'

**ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପିତ**

**କେନ୍ଦୁଝର,୩୧।୧(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)**



ସାଇକେଲ ଶୋଭାଯାତ୍ରାକୁ ଅତିଥି ନୀଳ ପତାକା ଦେଖାଉଛନ୍ତି।

କେନ୍ଦୁଝରରେ ଚାଲିଥିବା ଜାତୀୟ ସଡ଼କ ସୁରକ୍ଷା ମାସ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରୀଛାତ୍ର, ଯୁବକ, ଯୁବତୀ, କ୍ରୀଡ଼ାବିତ୍ ଆଞ୍ଚଳିକ ପରିବହନ ବିଭାଗର କର୍ମଚାରୀଙ୍କୁ ନେଇ ଏକ ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ(ସାଧାରଣ) ମନ୍ଦରଧର ମହାଲିକ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ଇଂ. ମାନସ ରଞ୍ଜନ ସାହୁ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ।

ବକ୍ତବ୍ୟରେ କହିଥିଲେ, ଜାତୀୟ ସଡ଼କ ସୁରକ୍ଷା ମାସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସଡ଼କ ଦୁର୍ଘଟଣା ହ୍ରାସ କରି ଏକ ଦୁର୍ଘଟଣା ମୁକ୍ତ ସମାଜ ଗଠନ କରିବା। ଗାଡ଼ି ଚାଳନା ଓ ଅନ୍ୟ ସଡ଼କ ବ୍ୟବହାରୀକାରୀ ନିୟମ ପାଳନ କରି ସଚେତନ ରହିଲେ ଅନେକ ଜୀବନ ରକ୍ଷା ହୋଇପାରିବ ବୋଲି କହିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟରୁ ସାଇକେଲ ରାଲି ବାହାରି ରାଙ୍କିସ୍ଥିତ ସ୍ୱୟଂ ଚାଳିତ ଚାଳକ ପରିକ୍ଷଣ ଷ୍ଟେଶନ ସଂସ୍ଥାରେ ଶେଷ ହୋଇଥିଲା। ଏହି ଅବସରରେ ସଚେତନତାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନ ବାର୍ତ୍ତାକୁ ଆଗେଇ ନେଇ ଗାଡ଼ି ଚଳାଚଳ ସମୟରେ ହେଲମେଟ୍ ଓ ସିଟ୍‌ବେଲ୍ଟ ବ୍ୟବହାର, ମଦ୍ୟପାନ କରି ଗାଡ଼ି ଚାଳନା ନ କରିବା, ଦ୍ରୁତ ଗତିରେ ଗାଡ଼ି ଚାଳନା ନ କରିବା ଓ ଟ୍ରାଫିକ ନିୟମ ଅନୁସରଣ କରିବାକୁ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ଡିଏନ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରବୀର ମହାନ୍ତି, ଏନ୍‌ସିସି ଅଫିସର ସୁରେନ୍ଦ୍ର ପଇଦା, ଏନ୍‌ଏସ୍ ପୋଲିସ ହାଇସ୍କୁଲର ଏନ୍‌ସିସି ଅଫିସର ବିଜୟ ବେହେରା, ମୋଟର ଯାନ ନୀରିକ୍ଷକ ସନ୍ଦୀପ ପାଇକରାୟ, ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ତାନା ମୁର୍ମୁ, ସହାୟକ ମୋଟର ଯାନ ନୀରିକ୍ଷକ ଦିବ୍ୟଜ୍ୟୋତି ମହାନ୍ତ, ଟ୍ରାଫିକ ନୀରିକ୍ଷକ ସୁକୁରାମ ସୋରେନ, କନିଷ୍ଠ ମୋଟର ଯାନ ନୀରିକ୍ଷକ ରାଜେଶ ସେଠୀ, କନିଷ୍ଠ ମୋଟର ଯାନ ନୀରିକ୍ଷକ ନାନିମୁନି ହେମ୍ବ୍ରମ, ଆଇଟି ଏକ୍ସପୋର୍ଟ ପ୍ରତାପ ପଣ୍ଡା, ରାଜସ୍ୱ ସହାୟକ ଅଜୟ ରାୟ, ବରିଷ୍ଠ ସହାୟକ ସରୋଜ ଦେବତା, ବରିଷ୍ଠ ରାଜସ୍ୱ ସହାୟକ ଲକ୍ଷ୍ମଣ ନାୟକଙ୍କ ସମେତ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ଅନ୍ୟାନ୍ୟ ବିଭାଗର ସହଯୋଗରେ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଶେଷରେ ସଡ଼କ ସୁରକ୍ଷା ନିୟମକୁ ପାଳନ କରିବାକୁ ଶପଥପାଠ ହୋଇଥିଲା।

